


# ସମ୍ବାଦର ପ୍ରଥମ ସଂପାଦକ : ସୁରେନ୍ଦ୍ର ମହାନ୍ତି


ଡ଼ଃ ଅରୁନ୍ଧତୀ ଦେବୀ

ସାମ୍ବାଦିକତା ଠାରୁ ରାଜନୀତି ସାରସ୍ୱତ ସାହିତ୍ୟ ଠାରୁ ସମାଜ ସେବା ସବୁକ୍ଷେତ୍ରକୁ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ନିଜ ବ୍ୟକ୍ତିତ୍ୱ ଓ ପ୍ରତିଭାରେ କେବଳ ଓଡ଼ିଆ ଗଦ୍ୟ ସାହିତ୍ୟ ନୁହେଁ ସର୍ବକାଳୀନ ସାହିତ୍ୟ ସାମ୍ବାଦିକତାକୁ ଋଦ୍ଧିମନ୍ତ କରିଥିବା କାଳଜୟୀ ସ୍ରଷ୍ଟା ହେଉଛନ୍ତି ସୁରେନ୍ଦ୍ର ମହାନ୍ତି । ଯେଉଁ କତିପୟ ସାରସ୍ୱତ ସାଧକ ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ପାରଦର୍ଶିତାର କୃତୀ ହାସଲ କରିଛନ୍ତି ତାଙ୍କ ଭିତରୁ ଶ୍ରୀ ମହାନ୍ତି ଅନ୍ୟତମ । ବର୍ଣ୍ଣାଢ୍ୟ ଓ ବହୁମୁଖୀ ସାରସ୍ୱତ ଜୀବନ ଥିଲା ତାଙ୍କ ଜୀବନର ସ୍ୱତନ୍ତ୍ରତା । ସେ ତାଙ୍କ ଜୀବନ କାହାଣୀରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ରାଜନୀତି ଓ ସାହିତ୍ୟ ତାଙ୍କ ପାଇଁ ପୃଥିବୀ ଥିବାବେଳେ ତାଙ୍କ ପଥ ଥିଲା ସାମ୍ବାଦିକତା । ଯାହାପାଇଁ ତାଙ୍କ କାଳଜୟୀ କୃତି ଆତ୍ମ ଚରିତର ନାମ ସେ ରଖିଥିଲେ 'ପଥ ଓ ପୃଥିବୀ' । ତାଙ୍କ ସମସାମୟିକ ସାହିତ୍ୟ ଅନୁରାଗୀମାନେ ସ୍ୱୀକାର କରିଛନ୍ତି ଯେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ ସମୁଜ୍ଜ୍ୱଳ କୃତିର ଏକ ମହାକାବ୍ୟ ହେଉଛି ପଥ ଓ ପୃଥିବୀ । ଏପରି ଜଣେ ସାରସ୍ୱତ ସାଧକଙ୍କ ସାର୍ଥକ ଜୀବନସ୍ମୃତି ଆମ ସମ ସାମୟିକ ଓଡ଼ିଶା ଭାଷା ଓ ସାହିତ୍ୟ ଭଣ୍ଡାରର ଏକ ଦୁର୍ଲ୍ଲଭ ରତ୍ନ ସଦୃଶ ।

ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କୈଶୋରରେ ସାଲେପୁର ହାଇ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଆରମ୍ଭ ହୋଇଥିଲା । ଉକ୍ତ ପ୍ରଥମ ଗଳ୍ପଟି ଥିଲା ବନ୍ଦୀ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ । ଦ୍ୱିତୀୟ ଗଳ୍ପ ମଣିଷ ଓ ଅର୍ଥନୀତି କବି ସଚ୍ଚି ରାଉତରାୟ ସଂପାଦିତ ଆରତି ପତ୍ରିକାରେ ପ୍ରକାଶ ପାଇଥିଲା । ତାଙ୍କ ଜୀବନନାମାରେ ସେ ବେଶ୍ ଖୋଲା ଭାବରେ ଲେଖିଛନ୍ତି ଯେ ସେ ଏକ ପ୍ରକାର ପାଠ ଠାରୁ ଯେପରି ଦୂରେଇ ଯାଉଥିଲେ । କହିବାକୁଗଲେ ବିଭିନ୍ନ ବାହାନାର ସାହାରାରେ ସେ ତାଙ୍କ ସେ ସମୟର ଚାଟଶାଳୀର ନିୟମିତ ଛାଟ ନଥିଲେ । ନାଳିକସ୍ତା ପିନ୍ଧି, ଅ[ାରେ ରୂପା ସୂତା ଗୁଡ଼ାଇ, ହାତରେ ଖଡୁନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁ ଦାଣ୍ଡରେ ବୁଲୁଥିଲେ । ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ତେବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ରାଜନୀତି ପ୍ରତି ଆଗ୍ରହ ଉଚ୍ଚଶିକ୍ଷାରୁ ତାଙ୍କୁ ଦୂରେଇ ନେଇଥିଲା । ଏହାସତ୍ତ୍ୱେ ନିଜ ପ୍ରଚେଷ୍ଟାରେ ସେ ଏକାଧିକ ଭାଷା ଆୟତ କରିଥିଲେ । ସୁରେନ୍ଦ୍ରଙ୍କ ସାମ୍ବାଦିକ ଜୀବନ ଅତ୍ୟନ୍ତ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା । ଦିନେ ଓଡ଼ିଶା ଥିଏଟରରେ କାଳୀଚରଣ ପଟ୍ଟନାୟକଙ୍କ ଅତିବଡ଼ୀ ଜଗନ୍ନାଥ ଦାସ ନାଟକ ମଂସ୍ଥ ହେଉଥିଲା । ଦର୍ଶକଙ୍କ ମଧ୍ୟରେ ଥିଲେ ଯୁବକ ସୁରେନ୍ଦ୍ର । ନାଟକର ଗୋଟିଏ ଦୃଶ୍ୟରେ ପୁରୀ ଯାଉଥିବା ବଙ୍ଗୀୟ ଯାତ୍ରୀଙ୍କୁ ବିଦ୍ରୁପ କରାଯାଉଥିବା ଦେଖି ସେ ବିସ୍ମିତ ହୋଇଥିଲେ । ଏହାର ପ୍ରତିବାଦ କରି ସମାଲୋଚନାମୂଳକ ପ୍ରବନ୍ଧ ଇଂରେଜୀରେ ଲେଖି କେଏନ୍ ଆଚାରୀ ସଂପାଦିତ ନିୟୁ ଓଡ଼ିଶାକୁ ପଠାଇଥିଲେ । ଉକ୍ତ ପ୍ରବନ୍ଧ ସେତେ ବେଳେ ବୁଦ୍ଧିଜୀବୀ ମହଲରେ ଚାଂଲ୍ୟ ସୃଷ୍ଟି କରିଥିଲା ଏବଂ ସାମ୍ବାଦିକତା କରିବା ପାଇଁ ସୁରେନ୍ଦ୍ର ଆଗ୍ରହୀ ହୋଇଥିଲେ । ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ହିଁ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା । ଏହାପରେ ସେ ଜନତା, ଗଣତନ୍ତ୍ର, କଳିଙ୍ଗ ଆଦି ସହ ସଂପୃକ୍ତ ହୋଇଥିଲେ । ଆଜି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ଓଡ଼ିଆଙ୍କ ଲୋକପ୍ରିୟ ସର୍ବାଦୃତ ଦୈନିକ ଖବରକାଗଜ 'ସମ୍ବାଦ' ଥିଲା ତାଙ୍କ ସମ୍ପାଦିତ ଶେଷ ଖବର କାଗଜ । ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ । ଆଜି ସମ୍ବାଦର ପ୍ରଚୁର ପାଠକୀୟ ଆଦୃତି ପଛରେ ଏହି ସାରସ୍ୱତ ସାଧକଙ୍କ ସାଧନାର ତ୍ୟାଗପୂତ ଚିହ୍ନ ନିଶ୍ଚୟ ରହିଛି । ଯାହାପାଇଁ ଆଜି ସମ୍ବାଦ ଅନ୍ୟ ସବୁ ଖବରକାଗଜ ପାଇଁ ଆକର୍ଷଣ, ଉତ୍ସାହ ଓ ପ୍ରେରଣାର ପଥ ଦେଖାଇ ପାରିଛି । ରାଜ୍ୟସଭା ସଦସ୍ୟ ଭାବେ ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ତାହାପରେ ସେ କଟକରୁ ଦ୍ୱିତୀୟ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ସେ ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ାରୁ ଲଢ଼ି ପରାଜିତ ହୋଇଥିଲେ ଏବଂ ଏହି ଆସନରୁ ପଂମ ସାଧାରଣ ନିର୍ବାଚନ ଜିତିଥିଲେ । ତାଙ୍କର ସକ୍ରିୟ ରାଜନୈତିକ ଜୀବନ ରାଜ୍ୟ ସଭା ସାଂସଦ ଭାବେ ହିଁ ଶେଷ ହୋଇଥିଲା । ୧୯୭୮ରେ ଶେଷ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ସେ ଆଉ ଲଢ଼ି ନଥିଲେ । ଏହି ମହାନ ସାରସ୍ୱତ ସାଧକଙ୍କ ୧୯୯୦ ମସିହା ଡିସେମ୍ବର ୨୧ ତାରିଖରେ ପରଲୋକ ଘଟିଥିଲା ।

*ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ଥୋପ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୋର ପିଲାଦିନ, ବହୁ ମାରାତ୍ମକ କୁସଙ୍ଗ ସମ୍ବନ୍ଧରେ ଆସିଥିଲା । ପାଠ ପଢ଼ିବାରେ ହେଳା କଲେ ଘରେ ମାଡ଼, ଚାଟଶାଳୀ ମାଷ୍ଟର ଆପଣଙ୍କ ମାଡ଼, ଚାହାଳିକୁ ପାଠ ପଢ଼ିବାକୁ ଯିବାରେ ଏକ ନାଳ ପାରି ହେବାକୁ ପଡୁଥିଲା । ମୋ ବୋଉ ସକାଳ ପାଇଟି କରିବାକୁ ଡେରିହୁଏ ମୋତେ ଯେଉଁଦିନ ସେ ଚାଟଶାଳୀ ଛାଡ଼ିବାକୁ ଯିବା କିଛି ଡେରିହେଲେ ଯେଉଁ ଉପସ୍ଥାନ କ୍ରମ ଥାଏ ତାହା ବିଳମ୍ବ ହୁଏ । ଉପସ୍ଥାନ ତତ୍କାଳ ଥିଲା ଶୂନରୁ କ୍ରମ ଆରମ୍ଭ ଆଗ ଉପସ୍ଥିତ ପିଲା ଶୂନ ପାଏ ଯାହା ମାଷ୍ଟର ଆପଣଙ୍କ ଗୌରାଙ୍ଗ ଦାସ ରୁପି ବେତକୁ ଦୁଇ ହାତ ଯୋଡ଼ିରେ ଟିକି ସ୍ପର୍ଶ କରନ୍ତି ମାତ୍ର ଯେତେ କ୍ରମବଢ଼େ, ସେହି ସଂଖ୍ୟାର ସଟାଙ୍ଗ, ସଟାଙ୍ଗ ପାହାର ହାତ ପାପୁଲିରେ ବସେ । ଏମିତି ପାହାର ମୋର ସଦା ପ୍ରାପ୍ୟ ହେଉଥିଲା । ମାଡ଼ କଷ୍ଟ କହିଲେ ଘରେ ତ୍ରାହି ନାହିଁ । ବେଳେ ବେଳେ ଭାତହାଣ୍ଡିରୁ ଦେଇପିଣ୍ଡି ଘରେ ସକାଳୁ ମୋ ପରି ମାଡ଼ ଡରୁଆ ପିଲା ଛୁଇଁ ବସୁଥିଲେ, ଦେଇ ପିଣ୍ଡିକୁ ଅଗାଧୁଆ କେହି ଯାଆନ୍ତି ନାହିଁ, କେବଳ ଛୋଟିଆ ବାଳୁତ ପିଲା ଯାଆନ୍ତି, ଫଳରେ ପିଲାଟିକୁ ଥୋପ ଦେଖାଇ ମୋ ପରି ପିଲାଙ୍କୁ ମିଠା ଖାଦ୍ୟ, ଖେଳନାରେ ଭୁଲାଇ ଦେଇପିଣ୍ଡି ଘରୁ ସେହ ଚାହାଳୀକୁ ନେଇ ଆପଣେଙ୍କୁ ନେହୁରା ହୋଇ କିଛି ଦିନ ଦଣ୍ଡ ଲାଘବ କରୁଥିଲେ ।

ଉଚ୍ଚଶିକ୍ଷା ପାଇଁ ଦୂର ସ୍ଥାନ ହାଇସ୍କୁଲକୁ ଚାଲିଯିବା, ଖେଳବୁଲା କରି, ହେଳା ହେଲେ ମୃଦୁ ଗଞ୍ଜଣା ତାହା ଆଗକୁ ନ ମାନିଲେ ଛୋଟ ବେତର ଭୟ ଦେଖା ନହେଲେ କାନଧରି ବସ ଉଠ ଦଣ୍ଡ, ଏଥିରେ ପିଲା ପିଠିଆ ଶଙ୍କର ଯଦି ହେଉଛି, ତାର (ଏଲପି) ଲାଷ୍ଟ ପ୍ରେଜେ[ ସ୍ୱରୂପ କିଛି ଅର୍ଥ ଦଣ୍ଡ କରାଯାଉଥିଲା । ପୂର୍ବେ ମାସିକ ଦରମା ଦେଇ ପାଠ ପଢ଼ାଯାଉଥିଲା ସେ ଅର୍ଥଦଣ୍ଡ ଦରମା ସହ ଆଦାୟ ହେବା ବ୍ୟବସ୍ଥା ଥିଲା । ଅର୍ଥ ପିଲାର ମୁରବୀ, ବାପାକାକା ବହନ କରୁଥିଲେ । ସେତେବେଳେ ଅର୍ଥ ବହୁ କଷ୍ଟରେ ଆୟ, ପିଲାର ଦରମା ଭରିବା ବି ଅନେକଙ୍କୁ କଷ୍ଟ ଥିଲା । ମୋର ଏପରି ଦୁର୍ଗୁଣ ଥିଲା ଚାରି ପାଂଚ କିଲୋମିଟର ପଥ ନାଳି ଗେଙ୍ଗୁଟି ପଥରବିଛା ରାସ୍ତାରେ ଖାଲି ପାଦରେ ଚାଲି ଚାଲି ଘରଠାରୁ ସାଙ୍ଗ ମେଳରେ ଆସିବାରେ ଅନେକ ଦିନ ଡେରି ଏପରି ଦଣ୍ଡ ଓ ଅର୍ଥଦଣ୍ଡ ଭୋଗିଛି । ଏପରି ଅବସ୍ଥାରେ ଦୁଷ୍ଟ ବୁଦ୍ଧିରେ ଶିକ୍ଷକଙ୍କ ଆଗରେ ମିଛ ଆଳ ବାଟରେ ଝାଡ଼ା ଲାଗିଲା ପରି କେତେ ଥର କହିବାକୁ ପଡ଼ିଛି । ଏମିତି ଘରେ ବି ଅର୍ଥ ଦଣ୍ଡ ପାଇଁ ଛଳନା ବାକ କହିବାକୁ ପଡ଼ିଛି, ହେଲେ ଘରେ ଓ ଶିକ୍ଷକ ଜାଣିବି ଥଟା କରି କହନ୍ତି କିରେ ଆଜିକଣ ପେଟ ଖରାପ ଥିଲା ? ନା ବାଟରେ ଅଟକ କଲାକି କଟକ ? ମିଛ କହି ସାମୟିକ ରକ୍ଷା କିଛିଦୁଷ୍ଟ ପିଲାଙ୍କ ପାଖରୁ ଶିଖିବା, ବୃଥା ସମୟ ଯେ କୌଣସି ଛାତ୍ରଙ୍କ ଜୀବନରେ ଆସିପାରେ । ମୁଁ ଏଥିରେ ବାଦ ନଥିଲି । ମୋର ଶିକ୍ଷକମାନେ ଅନେକ କ୍ଷମା କରିଛନ୍ତି, ସେମାନଙ୍କର ଉଦ୍ଦେଶ୍ୟରେ ଛାତ୍ରଟି କେମିତି ମଣିଷ ହେଉ । ଘରେ ଗଣେଶ ପୂଜା ସରସ୍ୱତୀ ପୂଜାକୁ ନୂଆ ପୋଷାକ ଏକ ପ୍ରକାର ମନ ତୋଷ ଥୋପକୁ ପରୀକ୍ଷାରେ ପାସ କଲେ ଏପରି ଅନେକ ଥୋପ ପର ପାଠ ପଢ଼ା ପାଇଁ ଲାଗୁଥିଲା ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*

# ଯୀଶୁଙ୍କ ଆବିର୍ଭାବ : କ୍ରିସ୍‌ମସ୍


ଅଲେଖ ଚନ୍ଦ୍ର ସାମଲ

ଆଜି କ୍ରିସ୍‌ମସ୍ ବା ବଡ଼ଦିନ । ଆନ୍ତର୍ଜାତୀୟ ସ୍ତରରେ ସମ୍ଭବତଃ ଚତୁର୍ଥ ଶତାବ୍ଦୀରୁ ଡିସେମ୍ବର ୨୫ ତାରିଖକୁ ମହାପୁରୁଷ ଜିଜସ୍ ବା ଜିସୁ ଖ୍ରୀଷ୍ଟଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଉଛି । ବିଶ୍ୱର ବିଭିନ୍ନ ଅଂଳର କିରସ୍ତାନ ଧର୍ମାବଲମ୍ବୀଙ୍କ ପାଇଁ ଆଜିର ପବିତ୍ର ଦିବସଟି ଏକ ସାଂସ୍କୃତିକ ଛୁଟିଦିନ । ଜିଜସ୍ ନିର୍ଦ୍ଦିଷ୍ଟ ଭାବେ କେଉଁ ମସିହାରେ ଏବଂ କେଉଁ ମାସର କେଉଁ ଦିନରେ ଜନ୍ମ ହୋଇଥିଲେ ଜଣାଯାଏ ନାହିଁ । ତେବେ ଖ୍ରୀଷ୍ଟ ପୂର୍ବ ସପ୍ତମରୁ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ କୌଣସି ଏକ ସମୟରେ ସେ ଜନ୍ମ ହୋଇଥିବା ଆଧୁନିକ ଐତିହାସିକମାନେ ବିଶ୍ୱାସ କରୁଛନ୍ତି । ଜିଜସ୍‌ଙ୍କର ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ବାବଦରେ ମାଥ୍ୟୁ, ମାର୍କ, ଲ୍ୟୁକ୍ ଓ ଜନ୍‌ଙ୍କ ନୀତିବାଣୀ ସମ୍ବଳିତ ଧର୍ମପୁସ୍ତକ ସୁସମାଚାର ବା ଗସ୍‌ପେଲ୍‌ରେ ଉଲ୍ଲେଖ ରହିଛି । ମାଥ୍ୟୁ ଓ ଲ୍ୟୁକ୍‌ଙ୍କ ଗସ୍‌ପେଲରେ ଜିଜସ୍‌ଙ୍କ ଜନ୍ମ ବିଶଦ ଭାବେ ବର୍ଣ୍ଣିତ । ଲୋକପ୍ରିୟ ପରମ୍ପରା ଅନୁଯାୟୀ ଜିଜସ୍ ବେଥଲ୍‌ହେମ୍ ନଗରୀର ଏକ ଘୋଡ଼ାଶାଳରେ ପୋଷା ଜନ୍ତୁଙ୍କ ଗହଣରେ ଜନ୍ମ ହୋଇଥିଲେ । ଘୋଡାଶାଳଟି ଏକ ସରାଇଖାନା ସହ ସଂଯୁକ୍ତ ଥିଲା । ସରାଇଖାନାରେ ପ୍ରକୋଷ୍ଠ ଖାଲି ନଥିବାରୁ ଜିଜସ୍‌ଙ୍କ ମାତା ମେରି ଓ ପିତା ଜୋଜେଫ୍ ଘୋଡ଼ାଶାଳରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଜିଜ୍‌ସ ଭୂମିଷ୍ଠ ହେବା ପରେ ମାତା ମେରି, ତାଙ୍କୁ ଏକ କମ୍ବଳରେ ଗୁଡ଼ାଇ ଘୋଡ଼ାଙ୍କୁ ଖାଦ୍ୟ ଦିଆଯାଉଥିବା ଏକ କୁଣ୍ଡରେ ରଖି ଦେଇଥିଲେ । ଜଣେ ତ୍ରାଣକର୍ତ୍ତା ଆର୍ବିଭୂତ ହୋଇଥିବା ଖବର ସଙ୍ଗେ ସଙ୍ଗେ ପ୍ରଚାରିତ ହୋଇଯାଇଥିଲା ଏବଂ ମେଷପାଳକମାନେ ବହୁ ସଂଖ୍ୟାରେ ଆସି ଜିଜସ୍‌ଙ୍କ ଦର୍ଶନ କରିଥିଲେ । ମେଲ୍‌ସିଓର୍, କାସ୍‌ପର୍, ବାଲ୍‌ଥାଜର ନାମକ ତିନିଜଣ ଜ୍ଞାନୀ ପୁରୁଷ ମଧ୍ୟ ସେଠାରେ ପହଂଥିଲେ । ଏହାକୁ ସ୍ମରଣୀୟ କରିବା ପାଇଁ ସର୍ବତ୍ର କ୍ରିସ୍‌ମସ୍ ପାଳନ କରାଯାଉଛି । ଦୁଇ ହଜାର ବର୍ଷ ପୂର୍ବେ ରୋମ ସାମ୍ରାଜ୍ୟର ଏକ ସହର ନାସରତରେ ଗ୍ରୋବିଏଲ ନାମକ ଜଣେ ଦେବଦୂତ ମେରିୟମ୍‌ଙ୍କୁ ଦର୍ଶନ ଦେଇ କହିଥିଲେ ଯେ, ସେ ଏକ ଦିବ୍ୟ ତଥା ପବିତ୍ର ଆତ୍ମାଙ୍କୁ ଗର୍ଭରେ ଧାରଣ କରିବେ ଏବଂ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେବେ । ସେହି ପବିତ୍ର ଆତ୍ମାଙ୍କ ନାଁ ହେବ ପ୍ରଭୁ ଯୀଶୁ । ଏହି ସମୟରେ ଯୁସୁଫଙ୍କ ସହିତ ମେରିକମ୍‌ଙ୍କ ନିର୍ବନ୍ଧ ହୋଇଯାଇଥିଲା । ଦେବଦୂତଙ୍କ ଏହି ସନ୍ଦେଶକୁ ମେରିୟମ ଯୁସୁଫଙ୍କୁ କହିଥିଲେ । ଯୁସୁଫ୍ ଚମକି ପଡ଼ିଲେ । ଦିବ୍ୟ ଆତ୍ମା କଥା ଶୁଣି ଭୟଭୀତ ହୋଇଗଲେ । ଆଉ ତୁରନ୍ତ ନିର୍ବନ୍ଧକୁ ବାଜ୍ୟାପ୍ତ କରି ମେରିୟମ୍‌ଙ୍କୁ ଜୀବନରୁ ଭୁଲିଯିବା ପାଇଁ ନିଷ୍ପତି ନେଲେ । ସ୍ୱର୍ଗଦୂତ ଏକଥା ଜାଣିବା ପରେ ଯୁସୁଫ୍‌ଙ୍କୁ ଦର୍ଶନ ଦେଇ ତାଙ୍କର ନିଷ୍ପତି ବଦଳାଇବା ପାଇଁ କହିବା ସହିତ ମେରିଙ୍କୁ ବିବାହ କରିବାକୁ ଆଦେଶ ଦେଇଥିଲେ । ଦିବ୍ୟ ଆତ୍ମା ଅର୍ଥାତ୍ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି ବୋଲି ସମସ୍ତେ ଉତ୍ସାହିତ ହୋଇଗଲେ । ଆନନ୍ଦରେ ନାଚି ଉଠିଲେ । କିଏ କ'ଣ ସବୁ ଭାବିଲା ତାହାର ଆଉ କଳନା ନାହିଁ । ଏଥିରୁ ରୋମ୍ ସମ୍ରାଟ ବି ବାଦ ପଡ଼ିଲେ ନାହିଁ ।

ମେରିୟମ୍‌ଙ୍କ ଗର୍ଭଧାରଣ ସମୟରେ ରୋମ ସାମ୍ରାଜ୍ୟର ଜନଗଣନା ହେବା ବୋଲି ସମ୍ରାଟ ଆଦେଶ ଦେଲେ । ଆଦେଶ ଅନୁସାରେ ଯୁସୁଫ ମେରିୟମ୍‌ଙ୍କୁ ନେଇ ଜନଗଣନା ପାଇଁ ଜେରୁଜେଲମ୍‌ର ବେଥଲହମ ସହର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ସେଠାରେ ଥିବା ଯାତ୍ରୀ ଶିବିରରେ ସ୍ଥାନ ନଥିବାରୁ ଯୁସୁଫ୍ ଓ ମେରି ଏକ ଗୋ'ଶାଳାରେ ରାତ୍ରୀ ଯାପନ କରିଲେ । ସେଠାରେ ହିଁ ମେରିୟମ ସେଇ ଦିବ୍ୟାତ୍ମାଙ୍କୁ ଶରୀର ଭାବେ ଜନ୍ମ ଦେଇଥିଲେ । ଏହାପରେ ଘାସକୁଟା ଦ୍ୱାରା ପ୍ରସ୍ତୁତ ଏକ ଚଟେଇରେ ନବଜାତ ଶିଶୁପୁତ୍ରକୁ ଶୁଆଇ ଦେଇଥିଲେ । ପୂଣ୍ୟାତ୍ମା ପ୍ରଭୁ ଯୀଶୁଙ୍କ ଜନ୍ମ ଖବର ଜାଣିବା ପରେ ଦେବଦୂତ ଏବଂ ନିକଟତମ ସହରର ୩ଜଣ ବିଦ୍ୱାନ ଜ୍ୟୋତିଷ ତାଙ୍କ ଦର୍ଶନ ପାଇଁ ଆସିଥିଲେ । ଆକାଶର ଏକ ଉଜ୍ଜ୍ୱଳ ତାରା ସେହି ୩ ଜଣ ଜ୍ୟୋତିଷଙ୍କୁ ଜେରୁଜେଲମ୍ ଠିକଣା ବତାଇଥିଲା ବୋଲି ବାଇବେଲରେ ଉଲ୍ଲେଖ ରହିଛି । ସେଇଠୁ ରୋମାନ କ୍ୟାଲେଣ୍ଡରରେ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହେଲା । ଅନେକ କାହାଣୀ, ଲୋକ କଥା ଏଥିରେ ଯୋଡ଼ି ହୋଇଗଲା । ସେହିଦିନଠୁ ଆମେ ତାଙ୍କ ଜନ୍ମ ଦିନକୁ ପାଳୁଛୁ ବଡ଼ଦିନ ଭାବେ ।

*ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର*

# ମୋବାଇଲରେ ପାଠ ପଢ଼ା


ଗିରିଧାରୀ ସାମଲ

ମୋବାଇଲ ଆଁରେ ପୁରା ଶୈଂ । ଖେଳକୁଦ, ଗୀତନାଚ, ଆଈମାଆ କାହାଣୀ, ଅଜାଙ୍କ ସହ ବଜାରବୁଲା ଆଦି ସବୁ କିଛି ଏବେ କେବଳ ବହିର ପୃଷ୍ଠା ପାଲଟିଛି । ବାସ୍ତବ ଜୀବନରେ ତ ସେ ସବୁର ସ୍ଥାନ ମୋବାଇଲ ଫୋନ ନେଇସାରିଛି । ବିଶେଷକରି କୋଭିଡ଼ ମହାମାରୀ ପରଠାରୁ ପାଠପଢ଼ାରେ ମୋବାଇଲକୁ ଯୋଡ଼ାଯିବା ପରେ ଏହି ସମସ୍ୟା ଅଧିକ ବୃଦ୍ଧି ପାଇଛି । ଅନଲାଇନ କ୍ଲାସ, ଅନଲାଇନ ଟ୍ୟୁସନ, ହ୍ୱାଟସଆପରେ ହୋମୱାର୍କ ଯୋଗୁଁ ପିଲାଟିଏ ମୋବାଇଲକୁ ଧରିବାକୁ ବାଧ ହେଉଛି । ଏଭଳି ପରିସ୍ଥିତିରେ ଅଭିଭାବକ ଚାହିଁଲେ ମଧ୍ୟ ନିଜ ପିଲାକୁ ମୋବାଇଲଠୁ ଦୂର କରିପାରୁନାହାନ୍ତି ।

ଚଳିତ ମାସ ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୧୨ ବର୍ଷ ବୟସ ଭିତରେ ପିଲାଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦେଲେ ଶିଶୁ ଭିତରେ ମୁଣ୍ଡ ବିନ୍ଧା, ନିଦ୍ରାହୀନତା, ଦୃଷ୍ଟିହୀନତା, ମାନସିକ ଅସ୍ଥିରତା ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ଜର୍ଣ୍ଣାଲ ଅଫ ଦି ହ୍ୟୁମାନ ଡେଭଲପମେ[ ଆଣ୍ଡ କ୍ୟାପାବିଲିଟିଜରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ପିଲାମାନଙ୍କୁ ୧୩ ବର୍ଷ ବୟସ ପୂର୍ବରୁ ସ୍ମାର୍ଟଫୋନ ଦେବା ଅନୁଚିତ । ଏହା ମାନସି ରୋଗର କାରଣ ହୋଇପାରେ । ଏହା ପିଲା ଭିତରେ ଜୀବନ ହାରିବା ଭଳି ମାନସିକତା ବି ସୃଷ୍ଟି କରିପାରେ ।

ପିଲାମାନଙ୍କୁ ମୋବାଇଲ ଜରିଆରେ କ୍ଲାସ ୱାର୍କ ପଠାଇବା, ହୋମୱାର୍କ ଦେବା ଆଦିରୁ ଶିକ୍ଷକ ଶିକ୍ଷୟିତ୍ରୀ ବିରତ ରହିବା ଉଚିତ । କରୋନା ପୂର୍ବରୁ ପିଲାଏ ପାଠପଢ଼ା କ୍ଷେତ୍ରରେ ମୋବାଇଲ ଉପରେ ନିର୍ଭର କରୁନଥିଲେ । ସେତେବେଳେ କ'ଣ ସେମାନେ ପାଠ ପଢୁ ନଥିଲେ ? ନା ସେତେବେଳେ ପିଲା କେହି ଡାକ୍ତର, ଇଞ୍ଜିନିୟର ହେଉ ନଥିଲେ ? ଏବେ କିଛି ବର୍ଷ ହେଲା ପିଲାମାନଙ୍କୁ ପାଠ ପଢ଼ିବାକୁ କହିଲେ ସେମାନେ ଆଗ ମୋବାଇଲ ମାଗୁଛନ୍ତି । କାହିଁକି ନା, ସେମାନଙ୍କର ଅଧା ପାଠ ରହୁଛି ହ୍ୱାଟସଆପ ଗ୍ରୁପରେ । ମୋବାଇର କୁପରିଣାମ ଜାଣିବା ପରେ ବି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାରଣ କରିପାରୁନାହାନ୍ତି । ବାରଣ କଲେ ପଢ଼ାରେ କ୍ଷତି ହେବା ଭୟ ରହୁଛି । ବିଚରା ଅଭିଭାବକ କ'ଣ କରିବେ ?

ଆଜିକାଲି ସବୁ ପିଲା ମୋବାଇଲ ଧରୁଛନ୍ତି । ଟିକେ ଧନୀ ଘର ହେଲେ ତ ପିଲାଙ୍କୁ ବ୍ୟକ୍ତିଗତ ଫୋନ ଦିଆଯାଉଛି । ଏହା ଅବାଟକୁ ଯିବା ପାଇଁ ବାଟ ଖୋଲି ଦେଉଛି । ସେଥିପାଇଁ ତ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ମୋବାଇଲ ବ୍ୟାନ କରିଦେଲା । ଏବେ ପିଲାମାନେ ମୋବାଇଲ ସହ ଏତେ ଅଭ୍ୟସ୍ତ ଯେ ବାପାମାଆ କହିଲେ ବି ସେମାନେ ଛାଡ଼ିବେନି । ଆମେ ସେମାନଙ୍କ ହାତରୁ ସିଧା ମୋବାଇଲ ଛଡ଼ାଇ ନେଇପାରିବା ନାହିଁ । ହେଲେ ସେମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖିବା ଲାଗି ବିଭିନ୍ନ ବାଟ ଅଛି । ଅଭିଭାବକମାନଙ୍କ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସଫ୍ଟୱେର ଅଛି । ସେମାନେ ସେହି ସଫ୍ଟୱେର ଜରିଆରେ ପିଲାଙ୍କ ଉପରେ ନଜର ରଖିପାରିବେ । ପିଲାଙ୍କ ମୋବାଇଲରେ ନିଜ ମେଲ ଆଇଡି ଦେଲେ ସେମାନଙ୍କ ସର୍ଚ ହିଷ୍ଟ୍ରି ଆପଣ ଦେଖିପାରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଲିଗ୍ରାମ ଓ ସ୍ନାପଚାଟ କିମ୍ବା କିଛି ଗେମ ଆପ ଦେଖିଲେ ତୁରନ୍ତ ତାହାକୁ ହଟାଇଦେବେ । ଏଗୁଡ଼ିକ ସବୁ ଏକ ପ୍ରକାରର ନିଶା । ପିଲା ଏହା କବଳରେ ପଡ଼ିଗଲେ ମୁକୁଳିବା ମୁସ୍କିଲ ।

ପୁଣି ବହୁ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ବି ସହୁଛନ୍ତି । ବିଭିନ୍ନ ପ୍ରକାର ଅନଲାଇନ ଗେମ କେବଳ ଟଙ୍କା ଶୋଷିବାକୁ ଅଛି । ପିଲା ଥରେ ଗେମ ନିଶାରେ ପଡ଼ିଗଲେ ଆପ ଯେତେଥର ଟଙ୍କା ମାଗିବ ସେମାନେ ଖେଳ ଆଶାରେ ସେତେଥର ନିଜ ବାପାମାଆଙ୍କ ୟୁପିଆଇରୁ ଟଙ୍କା ଦେଇଚାଲିବେ । ବିଭିନ୍ନ ଆପରେ ତ ଅଟୋପେ ସେଟିଂ ରହିଛି । ଥରେ ଲଗଇନ କଲେ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା କଟି ଚାଲିବ । ସେଥିପାଇଁ ପିଲାଙ୍କର ନିଶା ହେବା ପୂର୍ବରୁ ଅଭିଭାବକ ତାହାକୁ ରୋକିବା ଜରୁରୀ । ପିଲାଙ୍କ ପାଇଁ ମୋବାଇଲ ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନର ଭଣ୍ଡାର ପାଲଟିଛି ଏହାକୁ କେହି ଅସ୍ୱୀକାର କରିବେ ନାହିଁ କିନ୍ତୁ ଏଥିରେ ନିୟନ୍ତ୍ରଣ ରହିବା ଜରୁରୀ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ବଙ୍ଗଳା ଦେଶରେ ପୁଣି ଅଶାନ୍ତି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଛାତ୍ର ନେତା ଶରିଫ ଓସାମନା ହାଦିଙ୍କ ହତ୍ୟାକୁ କେନ୍ଦ୍ର କରି ବଙ୍ଗଳା ଦେଶରେ ସୃଷ୍ଟି ହୋଇଥିବା ହିଂସା ଦିନକୁ ଦିନ ଉଗ୍ର ରୂପ ନେଉଥିବାବେଳେ ଦେଶର ଆଇନ-ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ମହମ୍ମଦ ୟୁନୁସଙ୍କ କାମଚଳା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଗତବର୍ଷ ସଂରକ୍ଷଣ ବିରୋଧି ଛାତ୍ର ଆନ୍ଦୋଳନ ଦେଶବ୍ୟାପୀ ଗଣ ଆନ୍ଦୋଳନରେ ପରିଣତ ହେବା ପରେ ଗରତାନ୍ତ୍ରୀକ ପଦ୍ଧତିରେ କ୍ଷମତାସୀନ ଶେଖ ହାସିନାଙ୍କ ସରକାରର ପତନ ଏବଂ ପ୍ରଧାନମନ୍ତ୍ରୀ ହାସିନା ଦେଶ ଛାଡି ପଳାୟନ କରିବା ପରେ ସେନାବାହିନୀ ସହାୟତାରେ ଶାନ୍ତି ନୋବେଲ ବିଜୟୀ ୟୁନୁସଙ୍କ ନେତୃତ୍ୱରେ କାମଚଳା ଅନ୍ତରୀଣ ସରକାର ପ୍ରତିଷ୍ଠା ହୋଇଥିଲା । କହିବା ଯଥାର୍ଥ ହେବ ଯେ, ବଙ୍ଗଳା ଦେଶରେ ନିର୍ବାଚନ ପଦ୍ଧତିରେ ଥିବା ତ୍ରୁଟି, ଦୁର୍ବଳତା ଆଦି ବାହାର କରି ଦେଶରେ ନିର୍ବାଚନ କରାଇବା କାମଚଳା ସରକାରଙ୍କ ମୂଳ ଉଦ୍ଦେଶ୍ୟ । କିନ୍ତୁ ଏହା ପରିବର୍ତ୍ତେ ୟୁନୁସ ପରିସ୍ଥିତିକୁ ସ୍ରୋତରେ ଭାସିଯିବା ପାଇଁ ଅନୁମତି ଦେବା ସହ ନିର୍ବାଚନକୁ ସ୍ଥଗିତ ରଖିବା ଏବଂ ଅସ୍ଥିରତା ମଧ୍ୟକୁ ଠେଲି ଦେବାର କାରଣ ପାଲଟିଛନ୍ତି । ଦେଶରେ ଭାରତ-ବିରୋଧି ମନୋଭାବ, ତୀବ୍ର ବିଦ୍ୱେଷ ତଥା ହିନ୍ଦୁ ବିରୋଧି ହିଂସା ଉଗ୍ରରୂପ ନେବାରେ ଲାଗିଛି । ଦେଶରେ ଆସନ୍ତା ଫେବୃୟାରୀ ମାସରେ ପାର୍ଲିଆମେଂଟ ନିର୍ବାଚନ କରାଇବା ପାଇଁ କାମ ଚଳା ସରକାର ଦିବସ ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏବେ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇପାରିବ । ଆନ୍ଦୋଳନକାରୀମାନେ କେବଳ ଶେଖ ହାସିନାଙ୍କ ଆୱାମୀ ଲିଗ୍ ପାର୍ଟିକୁ ଟାର୍ଗେଟ କରିନାହାଁନ୍ତି, ବଙ୍ଗଳା ଦେଶର ଅନ୍ୟତମ ମୁଖ୍ୟ ବିରୋଧି ଦଳ ବଙ୍ଗଳା ଦେଶ ଜାତୀୟ ଦଳ ( ବିଏନପି) ଏବଂ ଗଣମାଧ୍ୟମ ପ୍ରତିଷ୍ଠାନ ମଧ୍ୟ ବାଦ୍ ପଡିନାହିଁ । ହିଂସାକାଣ୍ଡ ସୃଷ୍ଟିକାରୀମାନେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା କରିବା ପରେ ଗଛରେ ବାନ୍ଧି ଜାଳି ଦେଇଥିବାବେଳେ ଜଣେ ବିଏନପି ନେତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ, ଯେଉଁ ନିଆଁରେ ଜଣେ ୭ବର୍ଷର ଶିଶୁ କନ୍ୟା ଜୀବନ୍ତ ଦଗଧ୍ ହୋଇଥିଲା । ଆହୁରି ମଧ୍ୟ ଆୱାମୀ ଲିଗ୍‌ର ନେତା, କର୍ମୀଙ୍କୁ ଜେଲରେ ପୁରାଇବା, ହତ୍ୟା କରିବା ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । କେବଳ ଏତିକି ନୁହେଁ, ବଙ୍ଗଳାଦେଶର ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ର 'ପ୍ରଥମ ଆଲୋ' ଏବଂ 'ଦି ଡେଲିଷ୍ଟାର' ଭଳି ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥା ଉପରେ ଆକ୍ରମଣ, ୨୮ଜଣ ସାମ୍ବାଦିକ ଦୀର୍ଘ ୩ଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିବା ଘଟଣାରୁ ହିଂସାର ଗତି କୁଆଡେ ଯାଉଛି, ତାହା ସ୍ପଷ୍ଟ ବାରି ହୋଇପଡୁଛି । ଆତତାୟୀ ଗୁଳିମାଡରେ ନିହତ ଛାତ୍ର ନେତା ହାଦି ଜଣେ ଭାରତ ବିରୋଧି ଭାବେ ଜଣାଶୁଣା । ଦେଶର ସାଂପ୍ରତିକ ଅଶାନ୍ତି, ଅସ୍ଥିରତା ପାଇଁ ସେ ଭାରତକୁ ସିଧାସଳଖ ଦାୟୀ କରିଥିଲେ । କେବଳ ହାଦି ନୁହଁନ୍ତି, ବାଂଲାର ମୌଳବାଦୀ ଏବଂ ଅନ୍ୟତମ ରାଜନୈତିକ ଦଳ ଜାମତ-ଇ- ଇସଲାମୀ ମଧ୍ୟ ଭାରତ-ବିରୋଧି ମନୋଭାବକୁ ତେଜୀୟାନ କରିବାରେ ଲାଗିଛି । ଏପରିକି ୧୯୭୦ ମସିହାରେ ପଶ୍ଚି ପାକିସ୍ଥାନ (ବର୍ତମାନର ପାକିସ୍ଥାନ) ସହ ଯୁଦ୍ଧରେ ପୂର୍ବ-ପାକିସ୍ତାନକୁ ସହାୟତା ଦେଇ ବଙ୍ଗଳାଦେଶ ଗଠନରେ ଭାରତର ଭୂମିକା ଏବଂ ଧର୍ମ ନିରପେକ୍ଷ ତତ୍ତ୍ୱକୁ ଜାମତ-ଇ-ଇସଲାମୀ ଅସ୍ୱୀକାର କରିଛି । ଏଥିରୁ ସେମାନଙ୍କର ଭାରତ-ବିରୋଧି ମନୋଭାବ କେତେ ଉଗ୍ର ତାହା ସ୍ପଷ୍ଟ ଅନୁମେୟ । ଆନ୍ଦୋଳନକାରୀ ଟାର୍ଗେଟରୁ ଭାରତୀୟ କୁଟନୈତିକ କାର୍ଯ୍ୟାଳୟ ଏବଂ କୁଟନୀତିଜ୍ଞମାନେ ମଧ୍ୟ ବାଦ୍ ପଡିନାହାଁନ୍ତି । ଯେଉଁଥିପାଇଁ କି ଡାକାସ୍ଥିତ ଭିସା କାର୍ଯ୍ୟାଳୟକୁ ଭାରତ ବନ୍ଦ କରିବା ବାଧ ହୋଇଛି । ହାଦିଙ୍କ ହତ୍ୟାକାରୀମାନେ ଭାରତ ପଳାଇଥିବା ନେଇ ସେମାନେ ପ୍ରଚାର ଚଳାଇଛନ୍ତି । ଏପରିକି ଯେଉଁମାନେ ଶାନ୍ତି, ସ୍ଥିରତା ପ୍ରତିଷ୍ଠା ପ୍ରୟାସ କରୁଛନ୍ତି । ସେମାନଙ୍କୁ ଭାରତର ଏଜେଂଟ ଭାବେ ଚିତ୍ରିତ କରାଯାଇଛି । ଏହା ନିସନ୍ଦେହ ଯେ, ବଙ୍ଗଳାଦେଶ ଏବେ ଇସଲାମୀକ ମୌଳବାଦୀ ଗୋଷ୍ଠୀଙ୍କ ହାତମୁଠାକୁ ଚାଲିଯାଇଛି । ସ୍ୱତନ୍ତ୍ର ବଙ୍ଗଳାଦେଶ ଗଠନରେ ଭାରତର ଭୂମିକା ଏବଂ ଦୁଇଦେଶ ମଧ୍ୟରେ ରହିଥିବା ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସୁସମ୍ପର୍କ ଏବେ ବ୍ୟାହତ ହୋଇଥିବାବେଳେ ଭାରତରେ ପଳାତକ ପ୍ରଧାନମନ୍ତ୍ରୀ ହାସିନାଙ୍କ ଅବସ୍ଥାନ, ପାକିସ୍ଥାନ ଭଳି ଭାରତ ବିରୋଧି ଶକ୍ତିମାନେ ଆହୁରି ସଂକ୍ରୀୟ ହୋଇ ପରିସ୍ଥିତିକୁ ଫାଇଦା ଉଠାଇବା ପାଇଁ ସକ୍ରୀୟ ହେବା ସ୍ୱାଭାବିକ । ଏହା ନିଶ୍ଚିତ ଯେ, ପଡୋଶୀ ରାଷ୍ଟ୍ରରେ ଅଶାନ୍ତି, ଉଗ୍ର ଭାରତ ବିରୋଧି ମନୋଭାବ 'ଭାରତ' ପାଇଁ ଆଦୌ ଶୁଭଙ୍କର ନୁହେଁ । ଏଥିପ୍ରତି ଭାରତ ସଜାଗ, ସତର୍କ ରହିବା ଜରୁରୀ । ଧର୍ମ ନିରପେକ୍ଷବାଦୀ ବଙ୍ଗଳାଦେଶର ଜନସାଧାରଣ ଏହା ନଷ୍ଟ ହେବା ପୂର୍ବରୁ ଦେଶକୁ ରକ୍ଷା କରିବା ଏବେ ସବୁଠାରୁ ବଡ ଆହ୍ୱାନ ବୋଲି କୁହାଯାଇପାରେ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ*

# ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ଆଶ୍ଚର୍ଯ୍ୟ ଓ ଉଦ୍ଦେଶ୍ୟ

**ଆଚାର୍ଯ୍ୟ ବ୍ରଜକାନ୍ତ ସିଂ**

ପ୍ରତି ବର୍ଷ ଡିସେମ୍ବର ମାସ ୨୫ ତାରିଖକୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ଭାବେ ସାରା ବିଶ୍ୱରେ ମହାଆଡମ୍ବର ଓ ମହାଉଲ୍ଲାସରେ ବିଭିନ୍ନ ଧର୍ମ ଓ ଜାତି ନିର୍ବିଶେଷରେ ପାଳନ କରାଯାଏ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସକୁ ବଡଦିନ ବା ଖ୍ରୀଷ୍ଟମାସ ପର୍ବ ଏକ ବଡ ପର୍ବ ଓ ମହା ପବିତ୍ର ପର୍ବ ଭାବେ ମାନନ୍ତି । ନିଜ ନିଜ ଘରକୁ ସଫାସୁତୁରା କରନ୍ତି, ନୂଆ ରଙ୍ଗ ଦିଅନ୍ତି, ନୂଆ ପୋଷାକ ପିନ୍ଧନ୍ତି, ପିଠା କେକ୍ ବନାନ୍ତି, ନିଜ ଗୃହ ଓ ଗୀର୍ଜାଘରକୁ ରଙ୍ଗବେରଙ୍ଗ ଏବଂ ଆଲୋକ ସଜ୍ଜାରେ ସଜ୍ଜାଇଥା'ନ୍ତି ଆଉ ଗୀର୍ଜାଘରରେ ଏକାଠି ହୋଇ ପ୍ରଭୁ ଯୀଶୁଙ୍କ ଆରାଧନା ଉପାସନା କରନ୍ତି । ଯୀଶୁ ଖ୍ରୀଷ୍ଟଙ୍କୁ ଖ୍ରୀଷ୍ଟ ଧର୍ମର ପ୍ରବର୍ତ୍ତକ ବୋଲି କୁହାଯାଏ । ବାସ୍ତବିକ୍ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଅତି ଆଶ୍ଚର୍ଯ୍ୟ ଅଟେ । କାରଣ ତାହାଙ୍କ ଜନ୍ମର ପ୍ରାୟ ଶହ ଶହ ବର୍ଷ ପୂର୍ବ ? ସେ କେଉଁଠାରେ, କାହା ଦ୍ୱାରା ଓ କ'ଣ ପାଇଁ ଜନ୍ମ ନେବେ ତାହା ପ୍ରକାଶ କରାଯାଇଅଛି ଯାହା ପବିତ୍ର ବାଇବଲରେ ଲିଖିତ ଅଛି । ପ୍ରାୟ ୭୪୦ ବର୍ଷ ପୂର୍ବ ? ଈଶ୍ୱରଙ୍କ ଆହ୍ୱାନପ୍ରାପ୍ତ ବ୍ୟକ୍ତି ଯିଶାଇୟ ଭବିଷ୍ୟଦବକ୍ତାଙ୍କ ଦ୍ୱାରା ପ୍ରକାଶ କରାଯାଇଥିଲା ଯେ, ସେ ଏକ କୁମାରୀ କନ୍ୟାଠାରୁ ଜନ୍ମ ନେବେ – "ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ; ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁଏଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ ।" ଆଉ ସେ କୁମାରୀ ମରିୟମଙ୍କ ଗର୍ଭରୁ ଜନ୍ମ ହେଲେ କାରଣ କୁମାରୀ ମରିୟମ କୌଣସି ପୁରୁଷର ସଂସ୍ପର୍ଶ ବିନା ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଥିଲେ । ପୁଣି ଭବିଷ୍ୟତ ବାଣୀ ଥିଲା ଯେ, ଖ୍ରୀଷ୍ଟ ଇସ୍ରାଇଲରୁ ଜାତ ହେବେ, ଯାକୁବଠାରୁ ଦାଉଦଙ୍କ କୁଳରେ ଓ ଯୀହୁଦା ବଂଶରେ ଜନ୍ମ ହେବେ କାରଣ ଲେଖାଅଛି – "ଯାକୁବଠାରୁ ଏକ ତାରା ଉଦିତ ହେବ ଓ ଇସ୍ରାଏଲଠାରୁ ଏକ ରାଜଦଣ୍ଡ ଉତଥିତ ହେବ । ଶୀଲୋର ଶାନ୍ତିକର୍ତାଙ୍କର ଆଗମନ ପର୍ଯ୍ୟନ୍ତ ଯିହୁଦାଠାରୁ ରାଜଦଣ୍ଡ ଓ ତାହାର ଚରଣଦ୍ୱୟ ମଧ୍ୟରୁ ବିଚାରକର୍ତାର ଯଷ୍ଟି ଯିବ ନାହିଁ ।' ଆଉ ଏକ ଭବିଷ୍ୟତବାଣୀ ଥିଲା ଯେ, ସେ ବେଥଲିହିମ ନଗରରେ ଜନ୍ମ ହେବେ – "ହେ ବେଥଲିହିମ-ଉଫ୍ରାଥା, ଯିହୁଦାର ସହସ୍ରଗଣ ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭ ?, ତୁମ୍ଭ ମଧ୍ୟରୁ ଇସ୍ରାଏଲର ଶାସନକର୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ; ପୁରାତନ କାଳରୁ, ଅନାଦିକାଳରୁ ତାହାଙ୍କର ଉପତି ।" ଯୀଶୁଙ୍କ ମାତା ମରିୟମ, ଯିହୁଦା ପ୍ରଦେଶର ଉତର ଅଂଚଳର ଗାଲିଲୀରେ ବାସ କରୁଥିଲେ କିନ୍ତୁ ରାଜ୍ୟର ଜନଗଣନାରେ ସାମିଲ ହେବା ରାଜାଙ୍କ ଆଜ୍ଞାନୁଯାୟୀ ଯିହୁଦା ପ୍ରଦେଶର ଦକ୍ଷିଣରେ ଥିବା ବେଥଲିହିମକୁ କୁମାରୀ ମରିୟମଙ୍କୁ ଯିବାକୁ ପଡିଲା ଆଉ ସେହି ବେଥଲିହିମଠାରେ ପ୍ରସବ ସମୟ ଉପସ୍ଥିତ ହୁଅନ୍ତେ ଯୀଶୁଖ୍ରୀଷ୍ଟଙ୍କୁ ଜନ୍ମ ଦେଲେ ପୁଣି ବାକ୍ୟ ସଫଳ ହେଲା । ତାହାଙ୍କ ଜନ୍ମ ପୂର୍ବରୁ ସ୍ୱର୍ଗଦୂତ କୁମାରୀ ମରିୟମଙ୍କୁ ଦର୍ଶନ ଦେଇ କହିଥିଲେ, "ତୁମ୍ଭ ? ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଯୀଶୁ ଦେବ ।" ତେଣୁ ସେ ଦୂତଙ୍କୁ ପଚାରିଥିଲେ, "ଏହା କିପରି ହେବ ? କାରଣ ମୁଁ ତ ପୁରୁଷକୁ ଜାଣେ ନାହିଁ ।" ଦୂତ ତାଙ୍କୁ ଉତର ଦେଲେ, "ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।" ପୁଣି ଏକ ଆଶ୍ଚର୍ଯ୍ୟ ବିଷୟ ହେଲା, ତାହାଙ୍କ ଜନ୍ମରେ ଏକ ବୃହତ୍ ତାରା ଆକାଶରେ ଦେଖାଯାଇ ପୂର୍ବ ଦେଶର ପଣ୍ଡିତମାନଙ୍କୁ ପୂର୍ବଦେଶରୁ ଯିହୁଦା ପ୍ରଦେଶରେ ଯୀଶୁ ଥିବା ଗୃହକୁ କଢାଇ ଆଣିଥିଲା । ଆଉ ସେହି ତାରା ଦେଖି ସେମାନେ ଅତିଶୟ ମହାଆନନ୍ଦରେ ଆନନ୍ଦିତ ହୋଇଥିଲେ । ଯୀଶୁଙ୍କ ଜନ୍ମରେ ସେହି ଅଂଳରେ କେତେକ ମେଷପାଳକ ପଦାରେ ରହି ରାତିରେ ସେମାନଙ୍କ ପଲ ଜଗୁଥିବା ସମୟରେ ସ୍ୱର୍ଗଦୂତ ସେମାନଙ୍କୁ ଦର୍ଶନ ଦେଇ ଏହି ସମ୍ବାଦ ଦେଲେ ଯେ, "ଭୟ କରନାହିଁ; ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି, କାରଣ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତା ଜନ୍ମଗ୍ରହଣ କରିଅଛନ୍ତି, ସେ ଖ୍ରୀଷ୍ଟ ପ୍ରଭୁ । ଆଉ ତୁମ୍ଭମାନଙ୍କ ନିମନ୍ତେ ଏହା ଚିହ୍ନ ସ୍ୱରୂପ ହେବ, ତୁମ୍ଭ ?ମାନେ ଜଣେ ଶିଶୁଙ୍କୁ ଲୁଗାରେ ଗୁଡା ହୋଇ ଗୁହାଳକୁଣ୍ଡରେ ଶୋଇଥିବାର ଦେଖିବ । ପୁଣି ହଠାତ୍ ଦୂତଙ୍କ ସହିତ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ପ୍ରଶଂସା କରୁ କରୁ କହିଲେ, ଉର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା, ପୁଣି, ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" ଆଉ ସେମାନେ ଦୂତଙ୍କଠାରୁ ସୁସମ୍ବାଦ ଶୁଣି ଓ ଆଶ୍ଚର୍ଯ୍ୟ ବିଷୟମାନ ଦେଖି ମେଷପାଳକମାନେ ଶୀଘ୍ର ଯାଇ ଗୁହାଳକୁଣ୍ଡରେ ଶିଶୁଯୀଶୁଙ୍କୁ ଶୋଇଥିବା ଦେଖିଲେ ।

କେବଳ ତାଙ୍କର ଜନ୍ମ ବିଷୟରେ ଭାବବାଣୀ କରଯାଇଥିଲା ତାହା ନୁହଁ ମାତ୍ର ତାହାଙ୍କ ଜୀବନୀ ବିଷୟରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଭାବବାଣୀ କରଯାଇଥିଲା ଯେପରି – ତାହାଙ୍କ ବାଲ୍ୟ ସମୟ ମିଶରରେ କିଛି ସମୟ କଟିବ, ସେ ଗରଦ୍ଦଭଶାବକ ଉପରେ ଆରୋହଣ କରି ଯିରୁଶାଲେମକୁ ଯାତ୍ରା କରିବେ, ସେ ଦୁଃଖ ଯନ୍ତ୍ରଣା ପାଇବେ, କ୍ରୁଶୀୟ ଯନ୍ତ୍ରଣା ସମୟରେ ତାହାଙ୍କୁ ଅମ୍ଳରସ ଦିଆଯିବ, ତାହାଙ୍କର କୌଣସି ଅସ୍ଥି ଭଗ୍ନ ହେବ ନାହିଁ, ତାହାଙ୍କ ବସ୍ତ୍ର ଲୋକମାନେ ଭାଗ କରିବା ନିମନ୍ତେ ଗୁଳିବାଂଟି କରିବେ, ମୃତ୍ୟୁ ଯନ୍ତ୍ରଣାରେ ସେ ଏହି ବାଣୀ କହିବେ – "ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭ ? ମୋତେ କାହିଁକି ପରିତ୍ୟାଗ କଲ ଇତ୍ୟାଦି ସେହି ଭାବବାଣୀଗୁଡିକ ସଫଳ ହୋଇଛି ତାଙ୍କ ଜୀବନ କାଳରେ ।" ପ୍ରଭୁ ଯୀଶୁ କହିଲେ – "ଯେପରି ସୁସ୍ଥ ଲୋକମାନଙ୍କର ବୈଦ୍ୟଠାରେ ପ୍ରୟୋଜନ ନାହିଁ, ମାତ୍ର ଅସୁସ୍ଥ ଲୋକମାନଙ୍କର ପ୍ରୟୋଜନ ଅଛି, ସେହିପରି ମୁଁ ଧାର୍ମିକ ଲୋକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସି ନାହିଁ, କିନ୍ତୁ ମନ-ପରିବର୍ତ୍ତନ କରିବା ନିମନ୍ତେ ପାପୀମାନଙ୍କୁ ଆହ୍ୱାନ କରିବାକୁ ଆସିଅଛି; ଯେକେହି ମୋ'ଠାରେ ବିଶ୍ୱାସ କରେ, ସେ ଯେପରି ଅନ୍ଧକାରରେ ବାସ ନ କରେ, ଏଥିପାଇଁ ମୁଁ ଜଗତକୁ ଜ୍ୟୋତିଃ ହୋଇ ଆସିଅଛି । ଯିଏ ଜ୍ୟୋତିଃ ନିକଟକୁ ଆସେ, ତାହାଠାରୁ ଅନ୍ଧକାର, ଅନ୍ଧକାର କର୍ମ, ଅନ୍ଧକାର ଶକ୍ତି ଅନ୍ଧକାର ବିଷୟମାନ ଆଦି ଦୂର ହୁଏ । କାରଣ ମୁଁ ଜଗତର ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାଣ କରିବାକୁ ଆସିଅଛି । ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି । ମୁଁ ପଥ, ସତ୍ୟ ଓ ଜୀବନ; ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" ଯୀଶୁ ଖ୍ରୀଷ୍ଟଙ୍କ ଆଶ୍ଚର୍ଯ୍ୟ ଶିକ୍ଷାଗୁଡିକ ମଧ୍ୟରୁ ଶତ୍ରୁମାନଙ୍କୁ ପ୍ରେମ କର । ଏପରିକି କେହି ତୁମକୁ ଗୋଟିଏ ଗାଲରେ ଚାପୁଡା ମାରିଲେ ଅନ୍ୟ ଗାଲଟି ଦେଖାଇ ଦିଅ । ଜଣେ ବ୍ୟକ୍ତି ତାଙ୍କ ଅନୁଭୂତିରୁ ସାକ୍ଷ୍ୟ ଦିଅନ୍ତି – "ଜଣେ ବିରୋଧୀ ତାଙ୍କୁ ଗୋଟିଏ ଗାଲରେ ଚାପୁଡା ମାରିବା ପରେ ଅନ୍ୟ ଗାଲଟି ମଧ୍ୟ ଯୀଶୁ କହିଛନ୍ତି ବୋଲି ଦେଖାଇ ଦେବାରୁ, ସେହି ବ୍ୟକ୍ତିଟିର କ୍ରୋଧ ହଠାତ୍ ଶୀତଳ ପଡିଗଲା ଆଉ ସେ ତାହାକୁ ଛାଡି ଚାଲିଗଲା ।" ଆଉ ଜଣେ ବ୍ୟକ୍ତି ତାଙ୍କ ଅନୁଭୂତିରୁ ସାକ୍ଷ୍ୟ ଦିଅନ୍ତି – "ଜଣେ ତାଙ୍କୁ ଗୋଟିଏ ଗାଲରେ ଚାପୁଡା ମାରିବା ପରେ ଅନ୍ୟ ଗାଲଟି ମଧ୍ୟ ଯୀଶୁ କହିଛନ୍ତି ବୋଲି ଦେଖାଇ ଦେବାରୁ ତାଙ୍କୁ ଆହୁରି ନିର୍ଘୃମ ମାଡ ମାରିଲେ ସତ କିନ୍ତୁ ତା'ର ଅଳ୍ପ ଦିନ ପରେ ସେ ଈଶ୍ୱରଙ୍କଠାରୁ ଅତି ଭୟଙ୍କର ଦଣ୍ଡ ପ୍ରାପ୍ତ ହେଲେ ।" ଯିଏ ଶତ୍ରୁମାନଙ୍କୁ ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ପୁରସ୍କାର ଓ ଅନୁଗ୍ରହ ପାଇବ । ସେ ଆପଣା ଶତ୍ରୁମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କରିଥିଲେ । ସେ ଆପଣା ପଛରେ ଆସୁଥିବା ଲୋକମାନଙ୍କ ପ୍ରତି ଦୟାରେ ବିଗଳିତ ହେଉଥିଲେ । ତାଙ୍କର ପ୍ରଥମ ବାର୍ତା ଥିଲା ମନ ପରିବର୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ଯେହେତୁ କେତେକ ଲୋକମାନେ ବାହାରେ ଲୋକଙ୍କ ଦୃଷ୍ଟିରେ ଧାର୍ମିକ ଦେଖାଯାଉଥିଲେ କିନ୍ତୁ ଭିତରେ କପଟ ଓ ଅଧର୍ମରେ ପରିପୂର୍ଣ୍ଣ ଥିଲେ; ପୁଣି ଅନ୍ୟ କେତେକ ଲୋକମାନେ ଅନୀତି, ଅନ୍ୟାୟ ଓ ମନ୍ଦ ବିଷୟରେ ଲିପ୍ତ ଥିଲେ । ବିଶେଷତଃ ତାଙ୍କର ଶିକ୍ଷାରେ ସେ ନ୍ୟାୟବିଚାର, ଦୟା ଭଲ ପାଇବା, ଈଶ୍ୱରଙ୍କ ବିଶ୍ୱାସକୁ ପରିତ୍ୟାଗ ନ କରି ଈଶ୍ୱରଙ୍କ ପ୍ରେମକୁ ଅବହେଳା ନ କରି ତାହାଙ୍କ ଇଚ୍ଛା ଲୋଡି ଜୀବନଯାପନ କରିବାକୁ ଗୁରୁତ୍ୱାରୋପ କରୁଥିଲେ । ଈଶ୍ୱରଙ୍କୁ ଭୟ କରିବା ଓ ତାହାଙ୍କ ଆଜ୍ଞାସବୁ ପାଳନ କରିବା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତବ୍ୟ କର୍ମ ।

*ଜାଗମରା, ଭୁବନେଶ୍ୱର -୩୦*
*ମୋବାଇଲ - ୭୩୮୧୮୧୭୮୧୮*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday December 24 ଭୁବନେଶ୍ୱର ବୁଧବାର, ୨୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ୨୦୨୫ : ୧୦ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର

## ପ୍ରଥମ ଉପବିଜେତାଙ୍କୁ ୫ଲକ୍ଷ ଓ ଦ୍ୱିତୀୟ ଉପବିଜେତାଙ୍କୁ ୩ଲକ୍ଷ ଅର୍ଥରାଶି ପୁରସ୍କାର



ଭୁବନେଶ୍ୱର, (ପି.ଏନ): କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୨୫ ଟାଇଟଲ୍ ହାସଲ୍ କରିଛନ୍ତି । କିଟ୍ ଫିଲ୍ମ ଆଣ୍ଡ ଫେସନ ସ୍କୁଲ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ୨୦୨୫ର ଫାଇନାଲ୍ ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି । ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନହ୍ନିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି । ସେମିଫାଇନାଲ୍‌କୁ ୩୫ଜଣ ଉତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତୀର୍ଣ୍ଣ ହୋଇଥିଲେ । ମଧ୍ୟପ୍ରଦେଶର ପ୍ରାଂଚଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାରାର୍ଥନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ । ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତୀର୍ଣ୍ଣ ହେବାକୁ ପଡ଼ିଥିଲା । ଏହି ଅବସରରେ କିଟ ନହ୍ନିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଫାଇନାଲ ରାଉଣ୍ଡରେ ଫେମିନା ମିସ ଇଣ୍ଡିଆ ୱାର୍ଲଡ ୨୦୨୪ ବିଜେତା ନିକିତା ପରୱାଲ, ଫେମିନା ମିସ ଇଣ୍ଡିଆ ୱାର୍ଲଡ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ ଅମିତ ରୋହିଦାସ, ଅଲିମ୍ପିଆନ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ ।

ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠି (କର୍ଣ୍ଣାଟକ), ମିସ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ । ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏଥର ମୋଟ ୫୬ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା । ସେଥିରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ ୨୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୪ ଲକ୍ଷ ଥିବା ବେଳେ ୫ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ । ଦ୍ୱିତୀୟ ରନର୍ସଅପ୍‌ଙ୍କୁ ମୋଟ ପୁରସ୍କାର ରାଶି ୧୨ଲକ୍ଷ ଟଙ୍କା ଥିବା ବେଳେ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ ଏନ ମହାନ୍ତି ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡ ପ୍ରବୋଧ ମହାନ୍ତି, ଇଭୋସର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଏମଜିଏମ ମିନେରାଲସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ନହ୍ନିପରୀ ପ୍ରତିଷ୍ଠାତା ମଳୟ ମହାପାତ୍ର, ନହ୍ନିପରୀ କୋର କମିଟି ସଦସ୍ୟା ଡ. ଶ୍ରଦ୍ଧାଞ୍ଜଳି ନାୟକ ଓ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟ ଓଲଚିକି ଭାଷାର ବିଜୟ ଦିବସ ପାଳିତ



ପାରାଦୀପ,(ପି.ଏନ): ପାରମ୍ପରିକ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଓଲଚିକି ଭାଷାକୁ ସମ୍ବିଧାନରେ ସ୍ୱୀକୃତି ମିଳିବାର ବାଇଶ ବର୍ଷ ପୂରିଯାଇଛି । ଯାହାକୁ ନେଇ ସାନ୍ତାଳୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି ପାରାଦୀପ ସହରରେ । ସମୟ ବଦଳିବା ସହିତ ବଦଳିଛି ଆଦିବାସୀ ସମ୍ପ୍ରଦାୟର ଚାଲିଚଳଣି । ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ସାନ୍ତାଳୀ ସମ୍ପ୍ରଦାୟରୁ ଆସିଥିବା ବେଳେ ଆଜି ଦେଶର ବିଭିନ୍ନ ବିଭାଗର ପଦପଦବୀରେ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟ ର ଯୁବକ ଯୁବତୀ ମାନେ କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ଜଙ୍ଗଲ ଅଧ୍ୟୁଷିତ ଅଂଚଳରେ ରହୁଥିବା ଆଦିବାସୀ ମାନଙ୍କ ମଧ୍ୟରେ ମଧ୍ୟ ଆସିଛି ପରିବର୍ତନ କ୍ଷ ସାଧାରଣତ ସାନ୍ତାଳୀ ସମ୍ପ୍ରଦାୟ ଓଲଚିକି ଭାଷା କହି ପାରୁଥିବା ବେଳେ ଏହାକୁ ଲେଖିବା, ପଢିବା ରେ ବିଫଳ ହେଉଛନ୍ତି । ଯାହାକୁ ନେଇ ଆଦିବାସୀ ଚାଲିଚଳଣି ସହିତ ପାରମ୍ପରିକ ନୃତ୍ୟଗୀତ ହେଉ କିମ୍ବା ଭାଷା ସାହିତ୍ୟକୁ ସମୃଦ୍ଧି କରିବା ଏବଂ ଏହାକୁ ପରିବ୍ୟାପ୍ତ କରିବା ପାଇଁ କାର୍ଯ୍ୟ କରୁଛି ସାନ୍ତାଳୀ ଯୁଥ ଫେଡେରେସନ । ପାରାଦୀପ ରେ ରହିଥିବା ଆଦିବାସୀ ସମ୍ପ୍ରଦାୟ ର ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିରନ୍ତର ଭାବରେ ସାନ୍ତାଳୀ ଓଲଚିକି ଭାଷା ଲେଖିବା ଓ ପଢିବା ପାଇଁ ଶିକ୍ଷକ ନିଯୁକ୍ତି କରି ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ବେଳେ ସମ୍ବିଧାନରେ ଓଲଚିକି ଭାଷା ସ୍ୱୀକୃତି ପାଇବାର ବାଇଶିବର୍ଷ ପୂର୍ତି ଅବସରରେ ମଧୁବନ ଠାରେ ରହିଥିବା ସାନ୍ତାଳୀ ଯୁଥ ଫେଡେରେସନ କାର୍ଯ୍ୟାଳୟରେ ମଙ୍ଗଳବାର ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ର ବିଭିନ୍ନ ଶିକ୍ଷସଂସ୍ଥା ସହିତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର କାର୍ଯ୍ୟ କରୁଥିବା ସାନ୍ତାଳୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯୋଗଦେଇ ସାନ୍ତାଳୀ ଯୁଥ ଫେଡେରେସନ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହି ସଦସ୍ୟ ମାନଙ୍କ ହାତରେ ହାତ ମିଶାଇ ନିଜ ଭାଷା ସାହିତ୍ୟ ପାଇଁ କାର୍ଯ୍ୟ କରିବାକୁ ପ୍ରତିଶୃତି ଦେଇଥିଲେ ।

# ଓୟୋ ସମ୍ପତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ପୁରୀ,(ପି.ଏନ) : ଓୟୋ ସମ୍ପତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି । ଧୋଲପଣ୍ଡାଠାରେ ସମ୍ପତିକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଓୟୋ ହୋଟେଲ୍‌ସ ଦିଲ୍ଲୀ ହାଇକୋର୍ଟଙ୍କଠାରୁ ଏକ ପ୍ରତିବନ୍ଧକ ଆଦେଶ ହାସଲ କରିଛି । ମାନ୍ୟବର ହାଇକୋର୍ଟ ପରିଚାଳକ ମାନସ ରନ ଜେନାଙ୍କୁ ଓୟୋର ଉକ୍ତ ସମ୍ପତିରେ ଚାଲିଥିବା ପରିଚାଳନା ଓ କାର୍ଯ୍ୟରେ ବାଧା ସୃଷ୍ଟି ନକରିବା ଓ ହସ୍ତକ୍ଷେପ ନକରିବା ପାଇଁ ଆଦେଶ ଦେଇଛନ୍ତି । ଏଥିସହିତ ଦିଲ୍ଲୀ ହାଇକୋର୍ଟ ଓୟୋର ଟିମ୍ ଓ ପ୍ରତିନିଧିମାନଙ୍କୁ ବିନା କୌଣସି ବାଧାରେ ଉକ୍ତ ସମ୍ପତିରେ ମୁକ୍ତ ଭାବେ ପ୍ରବେଶ ଓ ପ୍ରସ୍ଥାନ କରିବା ପାଇଁ ଅନୁମତି ଦିଆଯିବା ଉଚିତ ବୋଲି ଆଦେଶ ଦେଇଛନ୍ତି । ଶୁଣାଣି ସମୟରେ ହାଇକୋର୍ଟ ଅନୁଭବ କରିଥିଲେ ଯେ, ଓୟୋ ଦ୍ୱାରା ଟର୍ମିନେଶନ ସତ୍ତ୍ୱେ ହୋଟେଲ ପରିଚାଳକ ଉକ୍ତ ସମ୍ପତିକୁ ଖାଲି କରିବାରେ ବିଫଳ ହୋଇ ପରିଚାଳନା ଚୁକ୍ତିର ସର୍ତଗୁଡିକୁ ଉଲ୍ଲଂଘନ କରିଛନ୍ତି । ଏହାପୂର୍ବରୁ ଓୟୋ ମାନସଙ୍କ ବିରୋଧରେ ଓୟୋ କର୍ମଚାରୀଙ୍କୁ ଅସଦାଚରଣ କରିବା ଓ ଧମକ ଦେବା ପାଇଁ ପୁରୀର ବଳିଆପଣ୍ଡା ପୋଲିସ ଷ୍ଟେସନରେ ଏକ ଏଫଆଇଆର ଦାୟର କରିଥିଲା । ଓୟୋର ନୋଡାଲ ଅଫିସର ମଧୁସୁଦନ ନାୟକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ଅଭିଯୋଗ, ଗତ ଡିସେମ୍ବର ୯ ତାରିଖ ୨୦୨୫ରେ ପୁରୀର ବଳିଆପଣ୍ଡାସ୍ଥିତ ସିପସରୁବାଲିଠାରେ ଅବସ୍ଥିତ ହୋଟେଲ ବିବି ପ୍ୟାଲେସରେ ଘଟିଥିବା ଘଟଣା ସହ ଜଡିତ ।

# ମନରେଗା ଯୋଜନାରୁ ମହାତ୍ମାଗାନ୍ଧୀଙ୍କ ନାମ ବାଦ ଦିଆଯିବା ଯୋଗୁଁ ଜିଲ୍ଲା କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡ଼ା,(ପି.ଏନ):ଦେଶର ବେକାର ଯୁବକଯୁବତୀ ଓ ସାଧାରଣ ଲୋକଙ୍କର ଆତ୍ମ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ପ୍ରଣୟନ ହୋଇଥିବା "ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା" (ଏମଜିଏନଆରଜିଏସ)ରେ ଲୋକଙ୍କୁ ବର୍ଷରେ ଏକଶହ ଦିନ କର୍ମ ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସରକାର ଅଦ୍ୟାବଧି ବର୍ଷକରେ ଏକଶହ ଦିନ କର୍ମ ଯୋଗାଇବାରେ ବିଫଳ ହୋଇଛନ୍ତି ।

# ଗୋଲାମୁଣ୍ଡା ସଂଚ ଆନୁକୁଲ୍ୟରେ ଅଂଚଳ ସ୍ତରୀୟ ଦଶ ଦିବସୀୟ ଆଚାର୍ଯ୍ୟ ବର୍ଗ ଏବଂ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗୋଲାମୁଣ୍ଡା (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବିଜୁ କଲ୍ୟାଣ ମଣ୍ଡପ ଠାରେ ତା ୧୪/୧୨/୨୦୨୫ ଦିନ ବନବନ୍ଧୁ ପରିଷଦ ର ଏକଳ ବିଦ୍ୟାଳୟ ଅଭିଯାନ ଦ୍ୱାରା ଆୟୋଜିତ ଦଶ ଦୀବସୀୟ ଆଚାର୍ଯ୍ୟ ଆଚାର୍ଯ୍ୟା ବର୍ଗ ତଥା ସୈନିକ ସମ୍ମାନ କାର୍ଯ୍ୟକ୍ରମ କୁ ମୂଖ୍ୟ ଅତିଥି ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ସମ୍ମାନୀତ ଅତିଥି ସ୍ୱାମୀ ସତ୍ୟ ସୌରୁପାନନ୍ଦ ସରସ୍ୱତୀ (ସୁଧିର ବାବା), ଗୋଲାମୁଣ୍ଡା ସଂ* ର ସଭାପତି ତଥା ସମାଜସେବୀ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଅଗ୍ରୱାଲା, ସଂ* ପ୍ରମୁଖ ଧନୁର୍ଯ୍ୟ ବନ୍ଦିଛୋଡ ଅଂ*ଳ ପ୍ରମୁଖ ବିଷ୍ଣୁ ଭାଇ ସମସ୍ତ ସଭ୍ୟ ଗଗନ ମୁଣ୍ଡ, ହୃଦାନନ୍ଦ ସା, କୃଷ୍ଣ ମୁଣ୍ଡ,ଅମର ନାଏକ, ପ୍ରଦିପ ପଣ୍ଡା, ବ୍ରହ୍ମା ପ୍ରସାଦ କାଣ୍ଡ ରଂଗାଧର ମୁଣ୍ଡ , ସୁରେନ୍ଦ୍ର ମୁଣ୍ଡ , ଜଳନ୍ଧର ନାଏକ,ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଗଜିନ୍ଦ୍ର ନାଏକ କାର୍ଯ୍ୟକ୍ରମର ବିଭିନ୍ନ ସହଯୋଗ କରିଥିଲେ । କଳାହାଣ୍ଡି ଓ ନୂଆପଡା ଅଂ*ଳ ରୁ ଆସିଥିବା ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କ ଦଶଦୀବସୀୟ ବର୍ଗ ମୂଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଙ୍କ କରକମଳରେ ଉଦ୍ଘାଟନ ହୋଇ ତା ୨୩/୧୨/୨୫ ଦିନ ମୂଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି,କଳାହାଣ୍ଡି ଅଂ*ଳ ରୁ ଆସିଥିବା ସଭ୍ୟ ସଭ୍ୟା , ଗୋଲାମୁଣ୍ଡା ଅଂ*ଳ ର ସମସ୍ତ ସଭ୍ୟ ସଭ୍ୟା ଙ୍କ ଉପସ୍ଥିତି ରେ ଉଦଯାପିତ ହୋଇଥିଲା । ସୈନିକ ସମ୍ମାନ କାର୍ଯ୍ୟକ୍ରମ - ବନବନ୍ଧୁ ପରିଷଦର ଏକଳବିଦ୍ୟାଳୟ ଅଭିଯାନ ପ୍ରେରଣା ରେ ତା ୨୩/୧୨/୨୦୨୫ ଦିନ ଆୟୋଜିତ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଗୋଲାମୁଣ୍ଡା ଅଂ*ଳ ତଥା କଳାହାଣ୍ଡି ଜିଲ୍ଲାର ମୂଖ୍ୟ ଆକର୍ଷଣ ର କେନ୍ଦ୍ରବିନ୍ଦୁ ପାଲଟିଛି । କଳାହାଣ୍ଡି ଜିଲ୍ଲା ଜିଲ୍ଲା ର ପୂର୍ବତନ ସୈନିକ ମାନଙ୍କୁ ନେଇ ଦେଶଭକ୍ତି ତଥା ଦେଶ ସେବା ର ମହତ୍ୱ, ସୈନିକ ମାନଙ୍କ ଦେଶସେବା ବଳିଦାନ ଗୁଡ଼ିକ ଆଜିର ଯୁବପିଢିଙ୍କ ଉଦେଶ୍ୟ ରେ ପ୍ରେରଣା ଉତ୍ସ ପାଲଟିବା ପାଇଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଗୋଲାମୁଣ୍ଡା ଜଗନ୍ନାଥ ମନ୍ଦିରଠାରୁ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା ।ସମସ୍ତ ସୈନିକ ମାନଙ୍କୁ ନେଇ ଦେଶଭକ୍ତି ସଂଗୀତ, କୀର୍ତନ ତାଳରେ , ଭାରତମାତାଙ୍କ ଜୟଘୋସ ରେ ପଦଯାତ୍ରା ଆରମ୍ଭ ହୋଇ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ମହାସମାରୋହରେ ସୈନିକ ସମ୍ମାନ ପାଇଁ ପାଛୋଟି ଅଣାଯାଇଥିଲା । ବିଜୁ କଲ୍ୟାଣ ମଣ୍ଡପ ରେ ପ୍ରଥମେ ମୂଖ୍ୟ ଅତିଥି ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ, ସମ୍ମାନୀତ ଅତିଥି ସ୍ୱାମୀ -ମଧୁସୁଦନ ଦାସ,ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ତାଣ୍ଡି,ଗୋଲାମୁଣ୍ଡା ସଂ*ର ସଭାପତି ତଥା ସମାଜସେବୀ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଅଗ୍ରୱାଲା, ଅଂ*ଳ ସଭାପତି ସୁଶ୍ରୀ ସବିତା ପଟ୍ଟନାୟକ ପ୍ରମୁଖଙ୍କ କରକମଳରେ ସୈନିକ ଏବଂ କୃଷକ ଦୁଇଜଣ ଙ୍କୁ ମାନପତ୍ର, ଉପଢୌକନ ଦେଇ ଜୟ ଯବାନ ଜୟକିଷାନ ଜୟଘୋସରେ ସମ୍ମାନିତ କରାଯାଇଅଛି । ଶ୍ରୀଯୁକ୍ତ ଇନ୍ଦୁ ଭୂଷଣ ରାଉତ ଏବଂ ଶ୍ରୀଯୁକ୍ତ ଗଜିନ୍ଦ୍ର ନାଏକ ମଂ* ପରିଚାଳନା କରିଥିଲେ । ସମ୍ମାନୀତ ଅବସରପ୍ରାପ୍ତ ସୈନିକମାନଙ୍କ ମଧ୍ୟରେ ତୁଲସୀରାମ ମାଝୀ, , ଗଣେଶ ଚନ୍ଦ୍ର ରାଉତ, ବିଶ୍ୱ ମିତ୍ରବିଶି,ବିପିନ ବିହାରୀ ରାଉତ, ଅକ୍ଷୟ କୁମାର ପଣ୍ଡା, ନବଘନ ସାହୁ, ,ନିଲାମ୍ବର ବାରିକ, ପ୍ରଦୀପ ରାଉତ,ପ୍ରଶନ୍ନ ଯୋଶୀ, ସଫଳ ଚାଷୀ କୃଷ୍ଣଚନ୍ଦ୍ର ନାଗ ଏବଂ ବିଶ୍ୱାନାଥ ନାଗ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରୂପରେଖ ସୁଶ୍ରୀ ସବିତା ପଟ୍ଟନାୟକ ଉପସ୍ଥାପନ କରିଥିବାବେଳେ ମୁଖ୍ୟ ଅତିଥିଙ୍କ ସହଯୋଗରେ ସୈନିକ ସମ୍ମାନ ମହାସମାରୋହରେ ପାଳିତ ହୋଇଥିବାରୁ ଭବାନୀପାଟଣା ଅଂ*ଳରୁ ଆସିଥିବା କାର୍ଯ୍ୟ କର୍ତା ତଥା ଗୋଲାମୁଣ୍ଡା ଅଂ*ଳ ବାସୀ ଭୁରିଭୁରି ପ୍ରଶଂସା କରୁଥିଲେ । ଗୋଲାମୁଣ୍ଡା ବ୍ଲକ ସ୍ତରରେ ଏଭଳି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମହାଆଡମ୍ବରରେ ପାଳିତ ହୋଇଥିବାରୁ ଅଂ*ଳର ଲୋକ ବହୁତ ଖୁସିହେବା ସହିତ ଆଲୋଚନା ପାଲଟିଛି । ଏହି କାର୍ଯ୍ୟକ୍ରମ ଶେଷରେ ଗଂଗା ବିଷ୍ଣୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସମସ୍ତଙ୍କୁ ସଂଗଠନରେ ସାମିଲ ହେବାପାଇଁ ଶ୍ରୀଯୁକ୍ତ ଗଜିନ୍ଦ୍ର ନାଏକ ଆହ୍ୱାନ କରିଥିଲେ ଏବଂ ସମସ୍ତେ ଶାନ୍ତି ପାଠ କରି ସଭା ସାଙ୍ଗ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674Z 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray